# ବିପନ୍ନ ବସୁଧା

• ଚନ୍ଦ୍ର ଶେଖର ମିଶ୍ର

ବିପନ୍ନ ବସୁଧା ଆଜି
ଅପାଂକ୍ତେୟ ଶିକ୍ଷା ଓ ସଂସ୍କୃତି
ପୃଷ୍ଠଭୂମି ଯେହେତୁ ଦୁର୍ବଳ
ମେରୁଦଣ୍ଡ ହୀନ ପ୍ରାଣୀ ପରି
କ୍ଷିତିର ଏ ବିପର୍ଯ୍ୟସ୍ତ ଗତି ।
ସଂସ୍କୃତି ଲୁଣ୍ଠିତ ହେଲା
ଉପେକ୍ଷିତ ତା ବିହାର ସ୍ଥଳ
ଶିକ୍ଷା ହେଲା କ୍ରୀଡ଼ନକ କନ୍ଦୁକ ପରାଏ
ଯେ ଯାହା ପ୍ରକାରେ
କ୍ରିଡନ୍ତି ସେ ସ୍ଥୁଳ ବୁଦ୍ଧି ପ୍ରଶାସକ ଦଳ
ଶିକ୍ଷାବିତ୍ ମହାର୍ଘ ଆସନେ ପ୍ରତିଷ୍ଠିତ ହୋଇ
ସଂସ୍କୃତି ସମ୍ପନ୍ନ ବୋଲି
ଯେଉଁମାନେ ଏ ସମାଜେ ଡିଣ୍ଡିମ ପିଟନ୍ତି
ଆଖି ଥାଇ ଅନ୍ଧ ପରି କରନ୍ତି ନକଲ ।
ଶିକ୍ଷା ଆଜି ଉପାଧି ସର୍ବସ୍ୱ
ଛଦ୍ମ ସୁବର୍ଣ୍ଣ ଆହାର୍ଯ୍ୟେ ହୋଇ ବିମଣ୍ଡିତ
ପ୍ରଶାସକ ଆବଦ୍ଧ ପ୍ରକୋଷ୍ଠ ମଧ୍ୟେ
ନିକ୍ଷେପିତ ନବବଧୂ ସାଜେ
ମର୍ମନ୍ତୁଦ ଆର୍ତ୍ତନାଦେ ଗୁମୁରି ଗୁମୁରି
ପ୍ରାଣ କଣ୍ଠାଗ୍ରତ – ଗତି ନିୟନ୍ତ୍ରିତ
ପ୍ରତିଭା ବି ହୋଇଛି ସିମୀତ ।
ଶିକ୍ଷା ଯେବେ ହେଲା ଭିକ୍ଷାବୃତ୍ତି
ପ୍ରଶାସକ ଦୟାର ଦାନରେ ଗତିଶୀଳ ଏ ଯେଉଁ ସଂସ୍କୃତି
ଏ ପରିପ୍ରେକ୍ଷୀରେ – କିପରି ଭାବୁଛ ବନ୍ଧୁ
ହୋଇବ ଏ ସମାଜ ଉନ୍ନତି ।
ଏକବିଂଶ ଶତାବ୍ଦୀର ମାହେନ୍ଦ୍ର ଲଗ୍ନକୁ କରି କଳଙ୍କିତ
ଶିକ୍ଷାର ନାୟକମାନେ ହସ୍ତେ ଧରି ସଂସ୍କୃତିର ସୁତୀକ୍ଷ୍ଣ ଶାୟକ
ବିଦ୍ଧ କରି ଏ ସମାଜ ହୃଦୟ ପିଞ୍ଜର ସଗର୍ବେ ଉଚ୍ଚାରେ
ଆମେ ଅଟୁ ସାଂସ୍କୃତିକ ଚେଦନାର ମାର୍ଗ ପ୍ରଦର୍ଶକ
ଧିକ୍ ଧିକ୍ ଶତ ଧିକ୍ ତାଙ୍କୁ
ବସୁଧା ବିପନ୍ନ ଥିଲା – କାନ୍ଦୁଥିଲା ଜନ୍ମଭୂମି ଜନନୀଟି
ଅତ୍ୟାଚାରୀ ବିଦେଶୀର କଠୋର ଶାସନେ
ତାର ସେହି ଆକୁଳ ଆହ୍ୱାନେ ଜୀବନ ଉତ୍ସର୍ଗ କରି
ମୁକ୍ତ କଲେ ଜନନୀରେ ତାର ପ୍ରୀୟ ବରପୁତ୍ରମାନେ ।
ଯେଉଁମାନେ ସ୍ୱାଧୀନତା ଦେଲେ
ସେହିମାନେ ଅକାଳରେ ଚାଲିଗଲେ ଏ ବସୁଧା ତେଜି
ଯେଉଁମାନେ କାପୁରୁଷ ପରି ଲୁଚିଥିଲେ ବସୁଧାର ନିଭୃତ ଅଙ୍ଗନେ
ସେହି ନିର୍ବିବାଦେ ଶାସନକୁ ଅଧିକାର କଲେ
ପୁଞ୍ଜିବାଦ ଲୁପ୍ତ ହେଲା – ଏକକରେ ପୁଞ୍ଜିଭୂତ ହେବ ନାହିଁ ପୁଞ୍ଜି
ଧ୍ୱଂସ ହେଲା ଏକଛତ୍ରବାଦ –
ସିଂହାସନ ଚ୍ୟୁତ ହେଲେ ଯେତେଥିଲେ ଏକଛତ୍ର ଅଧିପତି
ଗଣତନ୍ତ୍ର ଶାସନରେ ସ୍ୱେଚ୍ଛାଚାରୀ କାହିଁ ଗଲେ ହଜି
ନ ରହିଲା ଜାତି ଧର୍ମ ବର୍ଣ୍ଣର ଖେଦ– ଅପସରିଗଲା ଧନୀ ନିର୍ଦ୍ଧନ ଭେଦ
ସର୍ବେ ହୋଇଲେ ଏକୀଭୂତ ଆଉ ଏକାକାର
ଗୋଟିଏ ମଞ୍ଚେ – ଗୋଟିଏ ମନ୍ତ୍ର ନିନାଦିତ ହେଲା
ଆମେ ଗଢ଼ିବୁ ଆମର ସାମ୍ୟବାଦ ।
କିନ୍ତୁ ହାୟ ! ସାମନ୍ତ ମାନେ ଯେ ଗଲେ ବାଦ କିନ୍ତୁ ଲୋପ ହେଲା ନାହିଁ
କୁବେରର ବୈଭବରେ – ଇନ୍ଦ୍ର ଖାଲି ହୋଇଲା ଗୋସାଇଁ
ସମତା ଭିତରେ ଶଠତା ପଶିଲା – ସମାଜ ଭିତରୁ ବାଦ ଲୋପ ହେଲା
ପୁରାତନ ମଧ୍ୟେ ନବୀନ ପ୍ରତୀକ – ରାଜତନ୍ତ୍ର ମଧ୍ୟେ ଗଣତନ୍ତ୍ର ଛାପ
ଗଣଙ୍କ ମଧ୍ୟରୁ ଜଣଙ୍କୁ ନେଇଣ – ପ୍ରତିଷ୍ଠିତ ହେଲା ଫମ୍ପା ସମାଜବାଦ
ଫମ୍ପା ଭିତରେ ରମ୍ପା ଚାଲିଲା ଜାଣ – ନିଆଁ ନାହିଁ ଖାଲି ଧୂମର ଉଦ୍‌ଗୀରଣ
ଯାର ପ୍ରଚାରରେ ପ୍ରତାରିତ ହେଲେ ମାଟିର ଶାବକ ଦଳ
ନିଷ୍ପେସିତ ସେ ଅତ୍ୟାଚାରିତ ଯେତେ ବୁଭୁକ୍ଷୁ କାଙ୍ଗାଳ ।
ଭାଇମାନେ ଆଜି ଭଗାରୀ ସାଜିଲେ ନିଜର ସ୍ୱାର୍ଥ ପାଇଁ
ମୁଖରେ ତାଙ୍କର ମଧୁ ଝରୁଅଛି ଅନ୍ତରେ ମମତା ନାହିଁ
ପାଞ୍ଚ ବରଷରେ ଥରେ ଜନତା ପାଇଁକି ନୟନୁ ଅଶ୍ରୁ ଝରେ
ଆମେ ତ ତୁମର ସବୁ – ତୁମଠାରୁ ଖାଲି ନବୁ
ତୁମରି ନିଗଡ଼ା ତତଲା ରକ୍ତରେ
ଆମେ ହୋରି ଖେଳୁଥିବୁ
ତୁମ ପାଇଁ ସିନା ଆମେ ସାଜୁଅଛୁ ବାବୁ
ତୁମେ ନ ହୋଇଲେ କାବୁ
କାପୁରୁଷ ଆମେ ଅକର୍ମାରେ ଦଳ
କୁହ କେଉଁଠାକୁ ଯିବୁ ?

ହେ ଜନନାୟକ ତମେ କି ଦେଖୁନ ସର୍ବହରାର ରୂପ
ତମେ କି ଶୁଣୁନ ନିପିଡ଼ୀତର ଡାକ
ଖାଇବାକୁ ନାହିଁ ପାଶେ -
ଅନାହାରର କରାଳ ଛାୟାରେ ଯୁବତୀ ବୃଦ୍ଧା ଦିଶେ
କଟୀରେ ତାହାର ଶତଛିନ୍ନର ବାସ -
ମଥାରେ ଲୋଟୁନି ଘନକୁନ୍ତଳ କେଶ
ଛିନ୍ନ ବାସର ଫାଙ୍କେ - ଯୌବନ କହେ ଭାବିତ ନ ଥିଲି
ଦେଖିବି ତୋତେ ଏ ବେଶେ ।
ପଞ୍ଚଭର୍ତ୍ତାଙ୍କ ଗୌରବ ଗର୍ବେ ଗର୍ବୀତା ଯାଜ୍ଞସେନୀ
ଭାବିଥିଲା ସେ କି କୁରୁ ସଭା ତଳେ ହେବ ଏଡ଼େ ହିନିମାନୀ
ମୃତ୍ୟୁର ସେହି ମହାକାଳ ରୂପ ଦେଖିଣ ଯାଇଛି ଡରି
ନୋଟ ନେଇଣ ଭୋଟ ଦେଇଛି କିଏ ଶୁଣିବ ଗୁହାରୀ ?
ମାନବ ସାଜିଛି ରକ୍ତ ପିପାସୁ ନରଭକ୍ଷୀ ସେ ରାକ୍ଷସ କଦାକାର
ଯାହାର ଇଙ୍ଗିତେ କ୍ଷିତି ପାଲଟିଛି - ପୁତିଗନ୍ଧମୟ ଦୁର୍ନୀତି ଗନ୍ତାଘର
କଳା ବଜାରୀର କଳା ଆବର୍ତ୍ତରେ ଖାଦ୍ୟ ପାନୀୟ ଜହର ହେଲା
ମଣିଷ ମାରୁଛି ମଣିଷଗୁଡ଼ାଙ୍କୁ କିପରି ସହିଛି ଧର୍ମ ଭଲା ?
ଅପମିଶ୍ରଣ ଅପରାଧ ନୁହେଁ - ସେତ ଦେଶର ଜାତିର ସମ୍ପତ୍ତି
ଧର୍ଷଣଟା ନୁହେଁ ବ୍ୟଭିଚାର ଅବା ବଳାତ୍କାର
ଅଟେ ଆଦିମ କ୍ଷୁଧାର ପ୍ରବୃତ୍ତି ।
ଏହାତ ନୁହଁଇ ଅସାମାଜିକତା କହେ ଶାସନର ଦଣ୍ଡଧାରୀ
କିପରି ହୋଇବ ଅପରାଧ ଏହି କରୁନାହିଁ କେତ ହତ୍ୟା ଚୋରୀ ?
ଅର୍ଥଲାଳସା, କ୍ଷମତା ଲିପ୍ସା ଶାସକେ କରିଛି ଭ୍ରଷ୍ଟାଚାରୀ
ମିଥ୍ୟାବାଦୀ ସେ ଶୋଷକର ଦଳ - ଶୋଷିତେ କହଇ ଅତ୍ୟାଚାରୀ
ହେ ନରକଙ୍କାଳ କର ହେ ବିଚାର- ଦଳେ ଯେବେ ନ ହୋଇବେ ମର
ଅମରତ୍ୱ ମୂଲ୍ୟ ନିରୂପଣ କିପରି ହୋଇବ କୁହ ଏହି ସ୍ୱର୍ଗ ରାଜ୍ୟେ
ସଭିଏଁ ତ ମା'ର ସନ୍ତାନ ।
ଏ ସଭ୍ୟ ଜଗତେ ତମେ ଯେବେ ଦଳେ ଅସଭ୍ୟ ନ ଥିବ ଭାଇ
ସଭ୍ୟତାର ଏହି ଗୁରୁ ମାନଦଣ୍ଡ ତିଷ୍ଠି ପାରିବ ନାହିଁ
ହେ ପ୍ରିୟ ଜନତା - ଏକଥା ଜାଣିଥା - ମୂର୍ଖ ନ ହେଲେ ତମେ
ଆମେ ସବୁ ଯେଉଁ ପାଠୁଆର ଦଳ - କିପରି ହୋଇବୁ ତୁମ ମଙ୍ଗୁଆଳ
ତୁମେ ଶାସିତ ଆମେ ଶାସକ ହୋଇଥିବୁ ଧରା ଧାମେ
ସର୍ବହରାର ସେହି ଆର୍ତ୍ତନାଦ ବାଜୁଥିବ ଆମ କର୍ଣ୍ଣେ ।

ପାତର ଅନ୍ତର ଭାବ - ପୈଶାଚିକ ହୃଦୟ ହୀନତା
ଆଉ ଲଜ୍ୟାହୀନ ଦମ୍ଭ ଆଜି ଗଣତନ୍ତ୍ର କରିଛି ଦୂଷିତ
ସେ ଉତ୍ତାନପାଦମାନେ ତେଜ୍ୟା କରି ସୁନିତୀରେ
ହରାଇଣ ଚୀରସ୍ଥାୟୀ ସତ୍ୟ ଶିବ ସନାତନ ସୌମ୍ୟ ଧ୍ରୁବପଦ
ଆଦରିଛି ସୁରୁଚୀକି - ପାଇଛି ଉତ୍ତମ ଫଳ
କ୍ଷଣସ୍ଥାୟୀ ପୂର୍ଣ୍ଣ ରାଜ୍ୟ ଭୋଗ
ଦୁର୍ନୀତିରେ କରି କରାୟତ ।
ସମୁଦ୍ର ମନ୍ଥନ ପରେ
ଯେଉଁ ସ୍ୱାଧୀନତା ମଧୁଝରା ଅମୃତର କୁମ୍ଭ ପାଇଥିଲୁ ଆମେ
ଦୀର୍ଘ ଏତେ କାଳ ପରେ ମଧ
ସେ ମଧୁ ଚାଖିଲୁ ନାହିଁ
ବିଧି ବାମ ସତେ ଏ କରମେ ।
ତାହାହେଲେ କ'ଣ ହେଲା, ଯାହା ଥିଲା ତାହାହିଁ ରହିଲା
କେବଳ ଏତିକି ହେଲା
ରାଜାଙ୍କର ଅବର୍ତ୍ତମାନରେ
ମହାମାନ୍ୟ ମନ୍ତ୍ରୀ ଦ୍ୱାରା ଶାସନ ଚାଲିଲା ।
ବସୁଧା ବିପନ୍ନ ଥିଲା - ଆଜି ବି ରହିଛି
ଭବିଷ୍ୟତ ଘନ ଅନ୍ଧକାର
ଏ ଦୁର୍ଦ୍ଦିନ ସମୟରେ - ଜଗତର ନାଥ ଜଗନ୍ନାଥ
ତୁମେ ଏକା ଅଟ ପାରିବାର ।
ଆହେ ପ୍ରଭୁ ଟିକେ ଓହ୍ଲେଇ ଆସୁନ
ଏହି ଦଳିତ ନିର୍ଯ୍ୟାତୀତର ପାଶେ
ଧ୍ୱଂସ କର ସବୁ କଳୁଷିତ ବ୍ୟକ୍ତି
ଧରି ସେହି କାଳ କଲ୍‌କିର ମୂର୍ତ୍ତି
ଦୁର୍ନୀତି ହଟୁ ତୁମର ଖଡ଼୍‌ଗର ତ୍ରାସେ
ଅମୃତ ସିଞ୍ଚ ଧ୍ୱଂସ ସ୍ତୁପର ଗାତ୍ରେ
ଦଗ୍‌ଧ ପାଉଁଶ ଭିତରୁ ଆସିବେ ଅମୃତ ସନ୍ତାନମାନେ
ଶତ ଶତ ରଥୀ ଜନମ ଲଭିବେ ଲୌହ ମାନବର ନାମେ
ତାର ହୁଙ୍କାରରେ ଭାଙ୍ଗିବ ସୁସୁପ୍ତି -
ଜାଗିବେ ଜନତା ଜାନ୍ତବ ଜାଗୃତି
ଖର୍ବ କରିବେ ଗର୍ବ ତାଙ୍କର ଅବା ?
ବିପନ୍ନ ବସୁଧା ପରେ କି ଦିଶିବ - କୋଟି ସୂର୍ଯ୍ୟର ଆଭା ?

*ଉପରତେଲେଙ୍ଗାବଜାର, କଟକ*

❒❒❒